ଭାରତ ସଂଘ

ବନାମ

କିଷନ ଚାନ୍ଦ ଏବଂ ଅନ୍ୟମାନେ

ଅକ୍ଟୋବର 11,1996 ।

[କେ.ରାମାସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ଭୂମି ଅଧିଗ୍ରହଣ ଅଧିନିୟମ, 1894:*

*ଧାରା 23 (1-A), 23 (2) ଏବଂ 28— ବର୍ଦ୍ଧିତ କ୍ଷତିପୂରଣ ଏବଂ ଅତିରିକ୍ତ ସୁବିଧା— ଦର୍ଶାଯାଇଛି: ଯେହେତୁ ବିଚାରର୍ଥେ ପ୍ରେରଣ ନ୍ୟାୟାଳୟ, ଡିସେମ୍ବର, 1973 ରେ ଏହି ପ୍ରସଙ୍ଗରେ ନିଷ୍ପତ୍ତି ନେଇଥିଲେ ଯେ, ଦାବିଦାରମାନେ ଉକ୍ତ ସୁବିଧା ପାଇବାକୁ ହକଦାର ନଥିଲେ— ଏହା ପରିବର୍ତ୍ତେ ସେମାନେ ବର୍ଦ୍ଧିତ କ୍ଷତିପୂରଣ ବାବଦକୁ 6% ସୁଧ ଏବଂ 15% କ୍ଷତିପୂରଣ ପାଇବାକୁ ହକଦାର ଅଟନ୍ତି ।*

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 13264/1996।

ସି.ଏମ୍.ପି. ସଂଖ୍ୟା 245/1985 ରେ ଆର୍.ଏଫ୍.ଏ.ସଂଖ୍ୟା 82/85ରେ ରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କର 30.7.86 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଏନ୍.ଏନ୍. ଗୋସ୍ୱାମୀ, ସୁଶ୍ରୀ ସୁଷମା ସୁରୀ ଏବଂ ସୁଶ୍ରୀ ପଦ୍ମା ପ୍ରିୟା ।

ନ୍ୟାୟାଳୟ ନିମ୍ନଲିଖିତ ଆଦେଶ ପ୍ରଦାନ କରିଥିଲେ:

ବିଳମ୍ବକୁ କ୍ଷମା କରିଦିଆଯାଇଛି ।

ଅନୁମତି ପ୍ରଦାନ କରାଗଲା ।

ଉତ୍ତରଦାତା 2,3 ଏବଂ 4 ରୁ 20ଙ୍କ ଉପରେ ବିଜ୍ଞପ୍ତିକୁ "ଠିକଣା ଅସମ୍ପୂର୍ଣ୍ଣ" ଡାକ ସମ୍ବନ୍ଧୀ ଟିପ୍ପଣୀ ସହିତ ଫେରସ୍ତ କରାଯାଇଛି । ଉତ୍ତରଦାତା ସଂଖ୍ୟା 22 ଙ୍କୁ ବିଜ୍ଞପ୍ତି ଜାରି କରାଯାଇଛି । ଏଭଳି ପରିସ୍ଥିତିରେ, ସେମାନଙ୍କୁ ବିଜ୍ଞପ୍ତି ଜାରି କରାଯାଇଥିବା ବୋଲି ବିବେଚନା କରାଯିବା ଉଚିତ । ସେମାନେ ବ୍ୟକ୍ତିଗତ ଭାବେ କିମ୍ବା ଅଧିବକ୍ତାଙ୍କ ଜରିଆରେ ଉପସ୍ଥିତ ହେଉନାହାଁନ୍ତି । ବିଜ୍ଞପ୍ତି କେବଳ, ପୁନରୀକ୍ଷଣ ଅଧିନିୟମ 68/1984ର ବ୍ୟବସ୍ଥାଗୁଡ଼ିକର ପ୍ରଯୁଜ୍ୟତା ମଧ୍ୟରେ ସୀମିତ ଥିଲା ।

ଭୂମି ଅଧିଗ୍ରହଣ ଅଧିନିୟମ ର ଧାରା 4 [1] ଅନୁଯାୟୀ ଅଧିସୂଚନା, ଅକ୍ଟୋବର 24,1961 ରେ ପ୍ରକାଶିତ ହୋଇଥିଲା । ଜମି ଅଧିଗ୍ରହଣ ଅଧିକାରୀ ତାଙ୍କ ଅଧିନିର୍ଣ୍ଣୟ ଦ୍ୱାରା ବିଘା ପିଛା 2,500 ଟଙ୍କା କ୍ଷତିପୂରଣ ପ୍ରଦାନ କରିଥିଲେ । ବିଚାରର୍ଥେ ପ୍ରେରଣରେ, ଅତିରିକ୍ତ ଜିଲ୍ଲା ବିଚାରପତି ତାଙ୍କ ଡିସେମ୍ବର 19,1973 ତାରିଖର ଡିକ୍ରି ଏବଂ ଆଦେଶ ଡିକ୍ରି ଦ୍ୱାରା ବିଘା

ପିଛା 5,000 ଟଙ୍କା ଲେଖାଏଁ କ୍ଷତିପୂରଣ ବୃଦ୍ଧି କରିଥିଲେ । ଉଚ୍ଚ ନ୍ୟାୟାଳୟ ଅପିଲରେ ପ୍ରତି ବିଘା କ୍ଷତିପୂରଣକୁ 12000 ଟଙ୍କାକୁ ବୃଦ୍ଧି କରିଥିବା ବେଳେ କ୍ଷତିପୂରଣ ଏବଂ ସୁଧ ଏବଂ ଅତିରିକ୍ତ ରାଶି ବୃଦ୍ଧି କରି, ପୁନରୀକ୍ଷଣ ଅଧିନିୟମ 68/1984 ର ଲାଭ ପ୍ରଦାନ କରିଛନ୍ତି । ଏହି ତଥ୍ୟକୁ ଦୃଷ୍ଟିରେ ରଖି ଯେ, ବିଚାରର୍ଥେ ପ୍ରେରଣ ନ୍ୟାୟାଳୟ, ଡିସେମ୍ବର 1973 ରେ ଏହି ପ୍ରସଙ୍ଗରେ ନିଷ୍ପତ୍ତି ନେଇଥିଲେ ଯେ, ଉତ୍ତରଦାତାମାନେ ଧାରା 23 [2], 28 ଏବଂ 23 [1-ଏ] ଅନୁଯାୟୀ ବର୍ଦ୍ଧିତ କ୍ଷତିପୂରଣ ଏବଂ ସୁଧ ଏବଂ ଅତିରିକ୍ତ ସୁବିଧାର ଲାଭ ପାଇବାକୁ ହକଦାର ନୁହଁନ୍ତି ।

ତଦନୁସାରେ ଅପିଲକୁ ଉପରୋକ୍ତ ପରିମାଣ ପର୍ଯ୍ୟନ୍ତ ଅନୁମତି ଦିଆଯାଇଛି । ଏହା ପରିବର୍ତ୍ତେ, ଦାବିଦାରମାନେ ବର୍ଦ୍ଧିତ କ୍ଷତିପୂରଣ ବାବଦକୁ 6 ପ୍ରତିଶତ ହାରରେ ସୁଧ ଏବଂ 15 ପ୍ରତିଶତ ହାରରେ କ୍ଷତିପୂରଣ ପାଇବାକୁ ହକଦାର ଅଟନ୍ତି । ତଦନୁସାରେ ଉଚ୍ଚ ନ୍ୟାୟାଳୟଙ୍କର ରାୟରେ ପରିବର୍ତ୍ତନ କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

ଜି.ଏନ୍. ଅପିଲକୁ ଅନୁମତି ଦିଆଗଲା ।

**ଅସ୍ବୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା :**
**ସଙ୍ଗୀତା ସେନାପତି, ଓଡ଼ିଶା ଉଚ୍ଚ ନ୍ୟାୟାଳୟ ।**